# Akashvani, Sambalpur

## SAMBALPURI NEWS EVENING BULLETIN

## 26 November 2025- 7.02 pm- 7.12 pm.

*********************************************

୧- ଆମର ସମ୍ବିଧାନ, ଆମର୍ ସ୍ୱାଭିମାନ ବାର୍ତା ନେଇକରି ଆଏଜ୍ ପାଲନ୍ ହଉଛେ ଜାତୀୟ ସମ୍ବିଧାନ ଦିବସ ।

-ଦେଶର୍ ନାଗରିକଙ୍କର ଆକାଂକ୍ଷା ପୂରଣ କର୍‌ବାର୍ ଦିଗେ ଭାରତୀୟ ସମ୍ବିଧାନ ଗୁଟେ ବର୍‌କସ ଆଧାର୍ ହେଇଛେ- କହେଲେ ରାଷ୍ଟ୍ରପତି ।

୨- ବିଧାନସଭାର ଶୀତ୍ ଅଧିବେଶନ୍ ଆଏବକାଏଲ୍‌ନୁ ହେବା ମୁଲ୍ ।

-ପହେଲା ଦିନେ ଗୃହକେ ସମ୍ବୋଧନ୍ କର୍‌ବେ ରାଷ୍ଟ୍ରପତି ।

୩- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତର୍‌ଫୁ ୨୦୨୩, ୨୦୨୪ ଆଉ ୨୦୨୫ ବଛର୍ ଲାଗି ଦିଆଗଲା ଭିନ୍ ଭିନ୍ ବର୍ଗର୍ ପୁରସ୍କାର ।

-ଶବ୍ଦ ନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ ପାଏଲେ ସମ୍ମାନ ଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ।

ଆଉର୍

୪- ଉଚ୍ଚ ଶିକ୍ଷା ବିଭାଗ୍ ତର୍‌ଫୁ ବିଦେଶ ଶିକ୍ଷାବୃତି ଯୋଜ୍‌ନାର ହେଲା ଶୁଭାରମ୍ଭ ।

ସମ୍ବିଧାନ ଦିବସ-ରାଷ୍ଟ୍ରପତିଆର୍‌ଏନ୍‌ୟୁ/ ସମ୍ବଲପୁର/ଏନ୍‌ଏସ୍‌ଡି

ଭାରତୀୟ ସମ୍ବିଧାନକେ ଅପ୍‌ନାବାର୍ ୭୬ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଦେଶ୍‌ବାସୀଙ୍କର୍ ତର୍‌ଫୁ ସମ୍ବିଧାନ ଦିବସ୍ ପାଲନ୍ କରାଯାଉଛେ । ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ନେତୃତ୍ୱଥି ତିଆର୍ ହେଇଥିବା ଭାରତୀୟ ସମ୍ବିଧାନ ୧୯୪୯ ମସିହା ଆଝିର୍ ଦିନେ ସମ୍ବିଧାନ୍ ସଭାଥି ଗୃହୀତ ହେଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖ୍ ଦିନ ଦେଶେ ନୂଆ ସମ୍ବିଧାନ୍ ଲାଗୁ ହେଇଥିଲା । ଇତାକେ ସୂର୍‌ତା କର୍‌ବାର ଲାଗି ଫି ବଛର୍ ଆଝିରର୍ ଦିନ୍‌କେ ସାରା ଦେଶେ ସମ୍ବିଧାନ ଦିବସ୍ ଭାବେ ପାଲନ୍ କରାଯାଉଛେ । 'ଆମର୍ ସମ୍ବିଧାନ ଆମର୍ ସ୍ୱାଭିମାନ' ବାର୍ତା ନେଇକରି ଆଏଜ୍ ସମ୍ବିଧାନ ଦିବସ୍ ପାଲନ୍ କରାଯାଉଛେ ।

ଇ ଅବ୍‌ସରେ ନୂଆଦିଲ୍ଲୀର ସମ୍ବିଧାନ ସଦନ୍‌ର ସେଂଟ୍ରାଲ୍ ହଲ୍ ନ ହେଇଥିବା ସମ୍ବିଧାନ ପ୍ରସ୍ତାବନା ପଠନ୍ କାର୍ଯ୍ୟକ୍ରମଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ୍ ଦେଇକରି କହିଛନ୍, ସମ୍ବିଧାନ ହଉଛେ ଆମର ଜାତୀୟ ପରିଚୟ୍ ଆଧାର । ଇଟା ଉପନିବେଶବାଦୀ ମାନସିକତାକେ ଜାତୀୟତାବାଦୀ ଦୃଷ୍ଟିକୋଣଥି ବଦ୍‌ଲାବାର୍ ସହେତେ ଦେଶ୍‌କେ ଆଗ୍‌କେ ନେବାର୍ ଲାଗି ମାର୍ଗଦର୍ଶକ ହେଇଛେ । ଦେଶର୍ ନାଗରିକଙ୍କର ଆକାଂକ୍ଷା ପୂରଣ କର୍‌ବାର୍‌ଥି

ଭାରତୀୟ ସମ୍ବିଧାନ ଗୁଟେ ବର୍‌କସ୍ ଆଧାର ହେଇଛେ ବଲି ରାଷ୍ଟ୍ରପତି କହିଛନ୍....

(ଭଏସ୍---ରାଷ୍ଟ୍ରପତି)

କାର୍ଯ୍ୟକ୍ରମଥି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଚସ୍ପତି ଓମ୍ ବିର୍ଲାଙ୍କର ସହେତେ କେନ୍ଦ୍ରମନ୍ତ୍ରୀ ଆଉ ସାଂସଦ୍‌ମାନେ ଉପସ୍ଥିତ ଥିଲେ ।

ସମ୍ବିଧାନ ଦିବସ-ପ୍ରଧାନମନ୍ତ୍ରୀ ଏନ୍‌ଏସ୍‌ଡି

ସମ୍ବିଧାନ ଦିବସ୍ ଅବ୍‌ସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କର ଉଦ୍ଦେଶ୍ୟଥି ଗୁଟେ ପତ୍ର ଲେଖିଛନ୍ । ଦେଶର୍ ପ୍ରଗତିକେ ମାର୍ଗଦର୍ଶନ୍ କର୍‌ବାର୍‌ଥି ସମ୍ବିଧାନର ନିରନ୍ତର ଭୂମିକା ଉପ୍‌ରେ  ଜୋର୍ ଦେଇକରି ପ୍ରଧାନମନ୍ତ୍ରୀ କହିଛନ୍, ସମ୍ବିଧାନ୍‌କେ ସମ୍ମାନ ଜନାବାର୍ ଲାଗି ୨୦୧୫ ମସିହା ନଭେମ୍ବର ୨୬ ତାରିଖ୍‌କେ ସମ୍ବିଧାନ ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଇ ବଛର୍ ସମ୍ବିଧାନ ଦିବସ୍‌ର ଖାସ୍ ମହତ୍ୱ ରହିଛେ । କାରଣ, ଇହାଦେ ଦେଶ୍ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆଉ ଭଗବାନ ବିର୍ସାମୁଣ୍ଡାଙ୍କ ଶହେ ୫୦ ନମ୍ବର ଜନ୍ମ ବାର୍ଷିକୀ, ବନ୍ଦେ ମାତରମ୍‌ର ଶହେ ୫୦ ନମ୍ବର ବାର୍ଷିକୀ ଆଉ ଶ୍ରୀଗୁରୁ ତେଗ୍‌ବାହାଦୂରଜୀଙ୍କର ୩ ଶହ ୫୦ ନମ୍ବର ଶହିଦ ଦିବସ୍ ପାଲନ୍ କରୁଛେ ବଲି ପ୍ରଧାନମନ୍ତ୍ରୀ କହିଛନ୍ ।

ସମ୍ବିଧାନ ଦିବସ ମୁଖ୍ୟମନ୍ତ୍ରୀ		ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବିଧାନ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମଥି କହିଛନ୍, ଆମର ସମ୍ବିଧାନର ମୂଲ୍ୟବୋଧକେ ସଭେ ସମ୍ମାନ ଜନେଇକରି ରାଷ୍ଟ୍ରଗଠନ୍ ଦିଗେ ନିଜର୍ କର୍ତବ୍ୟ ପାଲନ୍ କର୍‌ବାର ଆଉ ମାଁ ଭାରତୀଙ୍କର ସେବାଥି ସମର୍ପିତ୍ ହେବାର୍‌କେ ସଂକଳ୍ପ ନେମା ।

ସମ୍ବିଧାନ ଦିବସ୍ ଅବ୍‌ସରେ ଆଏଜ୍ ବିଧାନ ସଭା ପରିସର ନ ବାଚସ୍ପତୀ ସୁରମା ପାଢ଼ୀ ଆଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହେତେ ମନ୍ତ୍ରୀ ଆଉ ବିଧାୟକ୍‌ମାନେ ସମ୍ବିଧାନ ପ୍ରସ୍ତାବନା ପାଠ୍ କରିଥିଲେ ।

ସମ୍ବିଧାନ ଦିବସ୍ ଅବ୍‌ସରେ ଆଏଜ ସାରା ରାଏଜେ ଭିନ୍ ଭିନ୍ କାର୍ଯ୍ୟକ୍ରମମାନ୍ ଆୟୋଜନ୍ କରାଯାଉଛେ । ଆମର ସମ୍ବିଧାନ ଖାଲି  ଗୁଟେ ଦଲିଲ୍ କି ଦସ୍ତାବିଜ୍ ନୁହେ, ଇଟା ହଉଛେ ମାନବୀୟ ସଂଘର୍ଷ, ବଳିଦାନ ଆଉ ତ୍ୟାଗର ପରିଚୟ ବଲି କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ସାମ୍ବାଦିକତା ଆଉ ଗଣ ଯୋଗାଯୋଗ ବିଭାଗର ଅତିରିକ୍ତ ପ୍ରାଧ୍ୟାପକ ଦେବିଲାଲ ମିଶ୍ର କହିଛନ୍...

(ଭଏସ୍-ଦେବୀଲାଲ ମିଶ୍ର)

ସମ୍ୱିଧାନ ଦିବସ ଜିଲ୍ଲାସ୍ତରୀୟ

ସମ୍ବଲପୁର/ବୌଦ୍ଧ/ସୁବର୍ଣ୍ଣପୁର/ନୂଆପଡ଼ା

ସମ୍ୱିଧାନ ଦିବସ୍ ଅବ୍‌ସରେ ସାରା ପର୍ଶ୍ଚିମ ଓଡ଼ିଶା ନ ଭିନ୍ ଭିନ୍ କାର୍ଯ୍ୟକ୍ରମମାନ୍ ଆୟୋଜନ୍ କରାଯାଇଛେ ।

ସମ୍ବଲପୁର ନ ପୂର୍ବତଟ ରେଳପଥ ସମ୍ବଲପୁର ରେଲ ମଣ୍ଡଲ ତର୍‌ଫୁ ହେଇଥିବା ସମ୍ୱିଧାନ ଦିବସ୍ ପାଲନ୍ ଅବ୍‌ସରେ ରେଲ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଆଉ କର୍ମଚାରୀମାନେ ସମ୍ୱିଧାନ ନ ପ୍ରସ୍ତାବନା ପାଠ୍ କରିଥିଲେ । ସହରର ଗୋଶାଲା ସିଆର୍‌ପିଏଫ୍ ଗ୍ରୁପ୍ ସେଂଟ ନ ହେଇଥିବା ସମ୍ୱିଧାନ ଦିବସ୍ କାର୍ଯ୍ୟକ୍ରମଥି କେନ୍ଦ୍ରର ଡେପୁଟି ଇନ୍ସପେକ୍ଟର ଜେନେରାଲ ସଞ୍ଜୟ କୁମାର ସିଂହ ଯୋଗ୍ ଦେଇକରି ଅଧିକାରୀ ଆଉ ଯବାନ୍‌ମାନ୍‌ଙ୍କୁ ଦିବସ୍‌ର ମହତ୍ୱ ବୁଝେଇଥିଲେ ।

ବୁର୍ଲା ଏନ୍‌ଏସି କଲେଜ୍ ନ ହେଇଥିବା ସମ୍ୱିଧାନ ଦିବସ ସମାରୋହଥି ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଯୋଗ୍ ଦେଇକରି ଗଣତନ୍ତ୍ରର ସୁରକ୍ଷା ଆଉ ସମ୍ୱିଧାନର ମୂଲ୍ୟବୋଧ ବାବ୍‌ଦେ ବୁଝେଇଥିଲେ ।

ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଅନୁଷ୍ଠାନ, ମହାବିଦ୍ୟାଳୟ, ଜିଲ୍ଲାପ୍ରଶାସନ୍ ଆଉ ରାଜନୈତିକ୍ ଦଲ୍ ତର୍‌ଫୁ ସମ୍ୱିଧାନ ଦିବସ

ପାଳନ୍ ହେଇଛେ । ଇ ଅବ୍‌ସରେ ଜିଲ୍ଲା ନ ଗୁଟେ ସଚେତନତା ଶୋଭାଯାତ୍ରା, ସେମିନାର ସଙ୍ଗେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇଥିଲା ।

ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ତର୍‌ଫୁ ହେଇଥିବା ଜାତୀୟ ସମ୍ବିଧାନ ଦିବସ୍ ସାରୋହଥି ଜିଲ୍ଲାପାଳ ନୃପରାଜ ସାହୁ ଯୋଗ୍ ଦେଇଥିଲେ । ଜିଲ୍ଲା ସଦର ଆଉ ବୀରମହାରାଜପୁର ନ ଆମ୍ବେଦକର ସେବା ସଙ୍ଗଠନ୍ ତର୍‌ଫୁ ଇ ଅବ୍‌ସରେ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ହେଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ୍ ତରଫୁ ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ମୁଖ୍ୟ ଯୋଗ୍ ଦେଇକରି ଇ ଦିବସ୍‌ର ମହତ୍ୱ ବାବ୍‌ଦେ କହିଥିଲେ ।

ବରଗଡ଼ ଜିଲ୍ଲା ପ୍ରଶାସନ ଆଉ ଜିଲ୍ଲା ପରିଷଦ୍ ତର୍‌ଫୁ ସମ୍ବିଧାନ ଦିବସ୍ ପାଳିତ ହେଇଯାଇଛେ । କାର୍ଯ୍ୟକ୍ରମଥି ଜିଲ୍ଲା ପରିଷଦ ଅଧ୍ୟକ୍ଷତା ମାନିନି ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଭାରତୀୟ ସମ୍ବିଧାନକେ ଗୁଟେ ଜୀବନ୍ତ ଗ୍ରନ୍ଥ ବଲି କହିଛନ୍ ।

ବିଧାନସଭା ଅଧିବେଶନ୍        ଭୁବନେଶ୍ୱର

ସମ୍ବାଦଦାତା/ଏନ୍‌ଏସ୍‌ଡି

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆଏବାକାଏଲ୍‌ନୁ ମୁଲ୍ ହେବା । ଅଧିବେଶନ୍‌ର ପହେଲା ଦିନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧନ କର୍‌ବେ । ଓଡ଼ିଶା ବିଧାନ ସଭା ନ କେନ୍‌ସି ଭିଲ୍ ରାଷ୍ଟ୍ରପତିଙ୍କର ଇଟା ପହେଲା ଉଦ୍‌ବୋଧନ ହେବା । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଏବାକାଏଲ୍ ଉପରବେଲା ୪ ବାଜିକରି ୨୦ ମିନିଟ୍ ବେଲ୍‌କେ ବିଧାନ ସଭାକେ ପୁହୁଁଚିବେ । ରାଷ୍ଟ୍ରପତିଙ୍କର ଉଦ୍‌ବୋଧନ ଆଗୋନୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ଭିଲ୍ ଅଭିଭାଷଣ ଦେବେ । ରାଷ୍ଟ୍ରପତି ୫ ବାଜିକରି ୩୦ ମିନିଟ୍ ତକ୍ ବିଧାନ ସଭା ନ ରହେବେ ବଲି ସୂଚ୍‌ନା ମିଲିଛେ ।

ଅଧିବେଶନ୍ ଆଗୋନୁ ଆଏଜ୍ ବାଚସ୍ପତୀ ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାଥି ସର୍ବଦଳୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ ପ୍ରଭାତୀ ପରିଡ଼ାଙ୍କ ସହେତେ ବିରୋଧି ଦଲର୍ ସଦସ୍ୟମାନେ ଉପସ୍ଥିତ ଥିଲେ । ଅଧିବେଶନ୍‌ର ସୁପରିଚାଲ୍‌ନା ଦିଗେ ସହଯୋଗ୍ କର୍‌ବାର୍‌କେ ବାଚସ୍ପତୀ ଇ ଅବ୍‌ସରେ ବିରୋଧୀ ସଦସ୍ୟମାନ୍‌ଙ୍କୁ ଅନୁରୋଧ କରିଛନ୍ । ଆଏବା ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଅତିରିକ୍ତ ବଜେଟ୍ ଉପସ୍ଥାପନ୍

କର୍‌ବେ । ଇ ଅଧିବେଶନ୍ ଅଏବା ମାସର୍ ୩୧ ତାରିଖ୍ ତକ୍ ଚାଲ୍‌ବା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୩୦ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ ମିସଡ୍ କଲ୍ ଦେଇକରି ଏସ୍‌ଏମ୍‌ଏସ୍ ଜରିଏ ଆଏବା ୨୮ ତାରିଖ୍‌ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର I&PR

ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫୁ ଆଏଜ୍ ୨୦୨୩, ୨୦୨୪ ଆଉ ୨୦୨୫ ବଛର୍ ଲାଗି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର, ଏକାଡେମୀ ପୁରସ୍କାର ଉପାୟନ ଆଉ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯୁବ ପ୍ରତିଭା ପୁରସ୍କାର ଦିଆଯାଇଛେ । ଭୁବନେଶ୍ୱର ଲୋକ ସେବା ଭବନ ସମ୍ମିଳନୀ କକ୍ଷ ନ ହେଇଥିବା କାର୍ଯ୍ୟକ୍ରମଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ବିଜେତାମାନ୍‌ଙ୍କୁ ପୁରସ୍କୃତ୍ କରିଛନ୍ । ତିନ୍‌ହି ବଛର୍ ଲାଗି ପର୍ଶ୍ଚିମ ଓଡ଼ିଶା ବହୁତ୍‌ଟେ ନାଁକରା କଳାକାର ଇ ଅବ୍‌ସରେ ପୁରସ୍କୃତ୍ ହେଇଛନ୍ । ୨୦୨୪ ବଛର୍ ଲାଗି ବରଗଡ଼ ଜିଲ୍ଲାର ଶବ୍ଦ ନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ସମ୍ମାନ ଜନକ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର ଦିଆଯାଇଛେ । ସେନ୍ତା ଭିନ୍ ଭିନ୍ ବର୍ଗଥି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର, ଲୋକ ନୃତ୍ୟଶିଳ୍ପୀ ଗାନ୍ଧୀ ବାରିକ, ନାଟ୍ୟକାର ସତ୍ୟରଞ୍ଜନ ବେହେରା ଆଉ ଡକ୍ଟର ସମର ମୁଦାଲି ଆଉ ଭୁବନେଶ୍ୱର ପ୍ରଧାନ, ଗାୟିକା ପଦ୍ମିନୀ ଦୋରା, ସଙ୍ଗୀତ ନିର୍ଦ୍ଦେଶକ୍ ରମେଶ ମହାନନ୍ଦ, ଯୁବ କଳାକାର ସୌମ୍ୟରଞ୍ଜନ ବଡ଼ପଣ୍ଡା ଆଉ ସୁନୀଲ ବିଭାର୍, ଘୁମ୍‌ରା ନୃତ୍ୟଶିଳ୍ପୀ ପବିତ୍ର ଗହୀର, ଲୋକବାଦ୍ୟ ଶିଳ୍ପୀ ରମେଶ ଗୁର୍ଲା ପ୍ରମୁଖ ପୁରସ୍କୃତ୍ ହେଇଛନ୍ ।

ମୁଖ୍ୟମନ୍ତ୍ରୀ-ଶୁଭାଂଶୁ ଶୁକ୍ଳା ଭୁବନେଶ୍ୱର ସମ୍ବାଦଦାତା

ଭାରତ୍‌କେ ବିଶ୍ୱଶକ୍ତି ହେବାର୍‌କେ ହେଲେ ବିଜ୍ଞାନ ଆଉ ପ୍ରଯୁକ୍ତି ବିଦ୍ୟାଥି ଆମର୍ ଛାତ୍ରଛାତ୍ରୀଙ୍କୁ ଦକ୍ଷତା ହାସଲ୍ କର୍‌ବାର୍‌କେ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଭୁବନେଶ୍ୱର୍‌ର ଗୁଟେ ବିଦ୍ୟାଳୟ ନ ହେଇଥିବା କାର୍ଯ୍ୟକ୍ରମଥି ଯୋଗ୍ ଦେଇକରି ଆଝିରର୍ ପିଲାମାନେ ସମୃଦ୍ଧ ଓଡ଼ିଶା ଆଉ ବିକଶିତ୍ ଭାରତର୍ ନିର୍ମାତା ଆନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ । କାର୍ଯ୍ୟକ୍ରମଥି ପ୍ରଖ୍ୟାତ୍ ମହାକାଶଚାରୀ ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଯୋଗ୍ ଦେଇକରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ୍ କରିଛନ୍ ।

ବିଦେଶ ଶିକ୍ଷାବୃତି ଯୋଜ୍‌ନା I&PR

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ୍ ତରଫୁ ଆଏଜ୍ ବିଦେଶ ଶିକ୍ଷାବୃତି ଯୋଜ୍‌ନାର ଶୁଭାରମ୍ଭ କରାଯାଇଛେ । ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଜ୍‌ନାର ଶୁଭାରମ୍ଭ କରି କରି କହିଛନ୍, ଇ ଶିକ୍ଷାବୃତି ୨୦୨୫-୨୬ ଶିକ୍ଷା ବଛର୍‌ନୁ ଲାଗୁ କରାଯିବା । ବିଦେଶ ନ ପାଠ ପଢ଼୍‌ବାର୍ ଲାଗି ଅନୁସୂଚିତ ଜାତି ଆଉ ଜନଜାତି ବର୍ଗର୍ ଛାତ୍ରଛାତ୍ରୀ, ଯାହାର ପାରିବାରିକ କମାନି ବଛର୍‌କ ୧୨ ଲାଖ୍ କି ତାର୍‌ନୁ କମ୍ ଥିବା ସେମାନେ ଇଥିର୍ ଲାଗି ଆବେଦନ୍ କରିପାର୍‌ବେ । ଯୋଜ୍‌ନାଥି ବୃତି ପାଏଲା ଉତ୍‌ରୁ

ଛାତ୍ରଛାତ୍ରୀ ପୁର୍ଥିର ୨ ଶହଟା ଆଗ୍‌ଧାଡ଼ିର ଉଚ୍ଚ ଶିକ୍ଷାନୁଷ୍ଠାନ୍ ନ ପାଠ୍ ପଢ଼୍‌ବାର୍ ସୁଯୋଗ୍ ପାଏବେ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ଇ ଅବ୍‌ସରେ ବିଭାଗ୍ ତର୍‌ଫୁ ଅନୁଦାନ୍ ପାଇଥିବା ବେସରକାରୀ ମହାବିଦ୍ୟାଳୟମାନ୍‌କେ ୩୪ ଝନ୍‌ଙ୍କୁ ଗ୍ରୁପ୍ ସି’ ଆଉ ଗ୍ରୁପ୍ ଡି’ ବର୍ଗଥି ଅନୁକମ୍ପାମୂଲକ୍ ନିଯୁକ୍ତି ଦିଆଯାଇଛେ । ଇତାର ସହେତେ ରାଜ୍ୟର୍ ଉଚ୍ଚ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଏକାଡେମିକ୍ ପର୍‌ଫମେନ୍ସ ଅଡିଟ୍ ଲାଗି ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ୍‌ବେ କପି ରାଇଟ୍ ଭିଲ୍ ଦିଆଯାଇଛେ ।